# Akashvani, Sambalpur

## SAMBALPURI NEWS MORNING BULLETIN

## 5 September 2026 - 6.47- 6.52 am.

---

ଗୁରୁଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍/ I&PR

ଆଏଜ୍ ପବିତ୍ର ଗୁରୁଦିବସ୍ । ଦେଶର୍ ୨ ନମ୍ବର୍ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କର୍ ଜନମ୍‌ଦିନକେ ଗୁରୁଦିବସ୍ ଭାବେ ପାଲନ୍ କରାଯାଏସି । ଡକ୍ଟର୍ ରାଧାକ୍ରଷ୍ଣନ୍ ଝନେ ଶିକ୍ଷକ୍, ଶିକ୍ଷାବିତ୍, ଦାର୍ଶନିକ୍ ଆର୍ କୁଟନୀତିଜ୍ଞ ଥିଲେ । ଶିକ୍ଷା ଲାଗି ଥିବା ତାଙ୍କର୍ ଅବଦାନ୍‌କେ ମନେ ରଖିବାର୍ ଲାଗି ୧୯୬୨ ମସିହାନୁ ଆଝିର୍ ଦିନ୍‌କେ ଗୁରୁଦିବସ୍ ଭାବେ ପାଲନ୍ କରାଯାଉଛେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ଠାନେ ଆଏଜ୍ ଶିକ୍ଷା କ୍ଷେତ୍ରଥି ଉଲ୍ଲେଖନୀୟ କାମ୍ କରିଥିବା ମୋଟ୍ ୮୨ ଝନ୍ ଶିକ୍ଷକଙ୍କୁ ଜାତୀୟ ଶିକ୍ଷକ୍ ପୁରସ୍କାର୍ ପ୍ରଦାନ୍ କର୍‌ବେ । ଇଥି ଓଡ଼ିଶାର୍ ମୟୁର୍‌ଭଞ୍ଜ ଜିଲ୍ଲା କରଞ୍ଜିଆ ଏକଲବ୍ୟ ମୋଡ଼େଲ୍ ଆବାସିକ ବିଦ୍ୟାଳୟର୍ ଶିକ୍ଷକ୍ ମହମ୍ମଦ୍ ଜାଫର୍ ଆଲମ୍ ଆଉ

ଜଗତ୍‌ସିଂହପୁର୍ ଆଲିପିଙ୍ଗଲ ସର୍‌କାରୀ ଉଚ୍ଚବିଦ୍ୟାଳୟର୍ ଶିକ୍ଷକ୍ ପଦରାଜ ଉମାକାନ୍ତ ନାୟକ୍ ରହିଛନ୍ ।

ଶିକ୍ଷକ୍ ଦିବସ-୧ ଆର୍‌ଏନ୍‌ୟୁ/ କଟକ୍

ଗୁରୁଦିବସ୍ ଅବ୍‌ସରେ ରାଏଜେ ଉତ୍ସର୍ଗୀକୃତ ଶିକ୍ଷାଦାନ୍ ଲାଗି ସବୁ ବିଦ୍ୟାଳୟ ନ ଅବସରପ୍ରାପ୍ତ ଶିକ୍ଷକ୍ ଶିକ୍ଷୟିତ୍ରୀମାନ୍‌କୁ ସମ୍ବର୍ଦ୍ଧିତ୍ କରାୟିବା । ଇଥିର୍‌ଲାଗି ସବୁ ଜିଲ୍ଲା ଶିକ୍ଷା ଅଧିକାରୀ ଆଉ ଜିଲ୍ଲା ପ୍ରକଳ୍ପ ସଂଯୋଜକ ମାନ୍‌କୁ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ଅବ୍‌ସରେ ଗୁଟେ ବାର୍ତାଥି କହିଛନ୍ ଯେ, ଶିକ୍ଷକ୍ ଖାଲି ଜ୍ଞାନ୍ ନାଇଁ ଦିଅନ୍, ସେ ଛାତ୍ରଛାତ୍ରୀମାନ୍‌କର୍ ଚରିତ୍ର ଗଠନ୍ କରିକରି ସେମାନ୍‌କୁ ଦାୟିତ୍ୱବାନ୍, ମାନବିକ୍ ଆଉ ଦେଶ୍‌ପ୍ରେମୀ ନାଗରିକ୍ ଭାବେ ଗଢ଼୍‌ସନ୍ । ସେମାନ୍‌କୁ ଜ୍ଞାନ୍, ଦକ୍ଷତା, ମୂଲ୍ୟବୋଧ୍ ଆଉ ନୂଆଁ ଚିନ୍ତନ୍‌ଥି ସମୃଦ୍ଧ କର୍‌ବାର୍‌କେ ଶିକ୍ଷକ୍ ମାନ୍‌କର୍ ନିଷ୍ଠା ଆଉ ପ୍ରତିବଦ୍ଧତା ସବୁନୁ ବଡ଼ ଶକ୍ତି ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତାଙ୍କର୍ ବାର୍ତାଥି କହିଛନ୍, ବ୍ୟକ୍ତିନିର୍ମାଣ୍ ଆଉ ଚରିତ୍ର ଗଠନ୍ ଦିଗେ ଶିକ୍ଷକ୍ ମାନ୍‌କର୍ ଖାସ୍ ଭୂମିକା ରହିଛେ । ଗୁଟେ ଆଦର୍ଶ ସମାଜ୍ ଗଠନ୍ ଦିଗେ ଶିକ୍ଷକ୍‌ମାନ୍‌କର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ ଆଏ ବଲି କହିଛନ୍ ।

ମୁଖ୍ୟମନ୍ତ୍ରୀ-ସବ୍-ଇନ୍ସପେକ୍ଟର୍ ଆଇ ଆଣ୍ଡ୍ ପି.ଆର୍

ଭୁବ୍‌ନେଶ୍ୱର୍ ବିଜୁ ପଟ୍ଟନାୟକ୍ ରାଜ୍ୟ ପୁଲିସ୍ ଏକାଡେମୀ ନ ୩ ନମ୍ବର୍ ବେଚ୍ ପୁଲିସ୍ ସବ୍-ଇନ୍ସପେକ୍ଟର୍ ମାନ୍‌କର୍ ଦୀକ୍ଷାନ୍ତ ସମାରୋହ ହେଇଯାଇଛେ । ଇଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ୩ ଶହ ୩୬ ଝନ୍ ନୂଆଁକରି ନିଯୁକ୍ତି ପାଇଥିବା କେଡ୍ଡେଟ୍ ସବ୍‌ଇନ୍ସପେକ୍ଟର୍‌ଙ୍କର୍ ଭିତ୍‌ରୁ ଭିନ୍ ଭିନ୍ ବିଭାଗ୍‌ଥି ଉତ୍କର୍ଷ ହାସଲ୍ କରିଥିବା କେଡ୍ଡେଟ୍‌ମାନ୍‌କୁ ସମ୍ମାନିତ୍ କରିଛନ୍ । ଇ ବେଚ୍‌ଥି ୭୦ ଝନ୍ ମହିଳା ସବ୍‌ଇନ୍ସପେକ୍ଟର୍ ସାମିଲ୍ ହେଇଥିବାର୍‌ନୁ ମୁଖ୍ୟମନ୍ତ୍ରୀ ଖୁସି ହେବାର୍ ସହେତେ ଇଟା ଓଡ଼ିଶାର୍ ନାରୀ ସଶକ୍ତିକରଣ୍ ଆଉ ପରିବର୍ତିତ୍ ସାମାଜିକ୍ ଗୁଟେ ଉଜ୍ଜ୍ୱଲ୍ ପ୍ରତିଫଳନ୍ ବଲି କହିଛନ୍ । ଦୀକ୍ଷାନ୍ତ ସମାରୋହଥି ସମ୍ବୋଧିତ୍

କରିକରି ମୁଖ୍ୟମନ୍ତ୍ରୀ କହିଛନ୍, ଇ ଦିନ ଖାଲି ଗୁଟେ ଔପଚାରିକ ପରେଡ୍ ନୁହେଁ, ନିଷ୍ଠା, ଶୃଙ୍ଖଳା, ତ୍ୟାଗ ଆଉ ଉତ୍କର୍ଷର ଉତ୍ସ । ପୁଲିସ୍ ପୋଷାକ ସମ୍ବିଧାନ୍ ଦେଇଥିବାର୍ କ୍ଷମତା ଆଉ ସମାଜ୍ ସେବାର ଗୁରୁଦାୟିତ୍ୱ ନେସି ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ପୁଲିସ୍ ସେବାଥି ମିଲୁଥିବା କ୍ଷମତାର୍ ସଦ୍‌ଉପଯୋଗ୍ କରିକରି ଫି' ଅଧିକାରୀ ସମାଜ୍‌ର ଦୁର୍ବଲ୍ ଶ୍ରେଣୀକେ ନ୍ୟାୟ ଦେବାର୍‌ଟା ଦର୍‌କାର୍ ବଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ ।

ରାଜ୍ୟପାଲ ଆଇ ଆଣ୍ଡ୍ ପି.ଆର୍

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ନୂଆଦିଲ୍ଲୀ ନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଲକ୍ ସାକ୍ଷାତ୍ କରିଛନ୍ । ଇ ସମିଆଥି ଓଡ଼ିଶାର୍ ବିକାଶ୍ ଆଉ ଲୋକ୍‌ମାନ୍‌କର୍ କଲ୍ୟାଣ୍‌କେ ନେଇକରି ଭିନ୍ ଭିନ୍ ବିଷେ ଆଲୋଚନା ହେଇଛେ ।

ଓଡ଼ିଶା ବିଧାନ୍‌ସଭା-ଉତର୍‌ପ୍ରଦେଶ୍ ଆଇ ଆଣ୍ଡ୍ ପି.ଆର୍

ଓଡ଼ିଶା ବିଧାନ୍‌ସଭାର୍ ବିଭାଗୀୟ ସ୍ଥାୟୀ କମିଟି -୩ ର ଅଧ୍ୟକ୍ଷ ବାବୁ ସିଂଙ୍କର୍ ଅଧ୍ୟକ୍ଷତାଥି କମିଟି ଉତର୍‌ପ୍ରଦେଶ୍ ଗସ୍ତଥି ଯାଇଛନ୍ । ଇ କମିଟିର୍ ସଦସ୍ୟମାନେ ଉତର୍‌ପ୍ରଦେଶ୍ ରାଜ୍ୟ ବିଧାନ୍‌ସଭା ପରିଦର୍ଶନ୍ କରିକରି ସେନର୍ ବାଚସ୍ପତି ସତୀଶ୍ ମାହାନା ଆଉ ବିଧାନ୍‌ସଭା ସଚିବ ପ୍ରଦୀପ୍ କୁମାର୍ ଦୁବେଙ୍କର୍ ସଙ୍ଗେ ବିଧାନ୍‌ସଭା ପରିଚାଳନା, ସ୍ଥାୟୀ କମିଟି ଗଠନ୍ ଆଉ ଅଲ୍‌ଗା ଅଲ୍‌ଗା କମିଟିର୍ କାର୍ଯ୍ୟପରିଚାଳନା ଆଉ ସେମାନ୍‌କର୍ କ୍ଷମତା ବାବ୍‌ଦେ ଆଲୋଚନା କରିଛନ୍ । ଇତାର୍‌ଛଡ଼ା ଇ କମିଟି ଉତର୍‌ପ୍ରଦେଶ୍ ବିଧାନ୍‌ସଭା ନ କାର୍ଯ୍ୟକାରୀ ହଉଥିବା ଇ-ବିଧାନ୍ ସିଷ୍ଟମ୍‌ର ବେଭାର୍, ବଜେଟ୍ ଉପସ୍ଥାପନ୍ ଆଉ ପାରିତ୍ କର୍‌ବାର୍ ପଦ୍ଧତି ସହେତେ ସେନର୍ ବିଧାୟକ୍ ମାନ୍‌କୁ ଦିଆଯାଉଥିବା ସୁବିଧା ସୁଯୋଗ୍ ବାବ୍‌ଦେ ଆଲୋଚନା କରିଛନ୍ । ଉତର୍‌ପ୍ରଦେଶ୍ ବାଗିର୍ ଓଡ଼ିଶାର୍ ବିଧାନ୍‌ସଭା ନ ଭିଲ୍ କେନ୍ତା ସଂସ୍କାର୍ ଅନାଯାଇପାର୍‌ବା ସେ ଦିଗେ ଭିଲ୍ ପର୍ଯ୍ୟାଲୋଚନା କରାଯାଇଥିଲା ।

ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ବୈଠକ  ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ବୈଠକ୍ ଆଏଜ୍ଠାନୁ କଟକ୍ ନ ମୁଲ୍ ହେଉଛେ । ଜବାହାର୍ଲାଲ୍ ନେହେରୁ ଇନ୍ଡୋର୍ ଷ୍ଟାଡ଼ିୟମ୍ ନ ୨ ଦିନ୍ ତକ୍ ହେବାର୍କେ ଥିବା ଇ ବୈଠକ୍ଥି ୪ ଶହ ପ୍ରତିନିଧି ଯୋଗ୍ ଦେବେ । ବୈଠକ୍ଥି ରାଷ୍ଟ୍ରୀୟ ମହାମନ୍ତ୍ରୀ ବି.ଏଲ୍. ସନ୍ତୋଷ୍, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି ଆଏବା ବଛର୍ ହେବାର୍କେ ଥିବା ପଂଚାୟତ୍ ଆଉ ପୌର ନିର୍ବାଚନ୍ ଲାଗି ଆଲୋଚନା କର୍ବେ ବଲି ଜନାପଡ଼ିଛେ ।

ବୁଝାମଣା ପତ୍ର ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ୍ ଆଏଜ୍ ଆଇ.ବି.ଏମ୍., ସି.ଏସ୍.ଆର୍. ବକ୍ସ, ନନ୍ଦି ଫାଉଣ୍ଡେସନ୍, ଇ.କେ.ସି.ଏଲ୍. ସାଙ୍ଗେ ୩ ଟା ବୁଝାମଣା ପତ୍ର ସ୍ୱାକ୍ଷରିତ୍ କର୍ବା । ଭୁବ୍ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ହେବାର୍କେ ଥିବା ଇ କାର୍ଯ୍ୟକ୍ରମ୍ଥି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ ।

ନନ୍ଦୋତ୍ସବ୍ ପୁରୀ ସମ୍ବାଦଦାତା

ପ୍ରଭୁ ଶ୍ରୀକୃଷ୍ଣ ଗଲାକାଏଲ୍ ଧରାବତରଣ କର୍‌ବାର୍ ଉତ୍‌ରୁ ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ନନ୍ଦୋତ୍ସବ୍ ନୀତି ପାଲନ୍ କରାଯିବା । ଆଏଜ୍ ଶ୍ରୀଜୀଉମାନ୍‌କର୍ ମଙ୍ଗଳ ଆଲ୍‌ତୀ ନୀତି ସର୍‌ବାର୍ ପରେ ମହାଜନ ସେବକ ରାମକୃଷ୍ଣଙ୍କୁ ଆନିକରି ଜଗ୍‌ମୋହନ୍ ଦୁଲିଥି ଆଉ ଦକ୍ଷିଣ ଘରୁ ମଦନ୍‌ମୋହନ୍ ଭିଲ୍ ଦୁଲିଥି ବିଜେ ହେବେ । ଶ୍ରୀଜୀଉମାନ୍‌କର୍ ମଇଲମ ଆଉ ଅଲ୍‌ଗା ନୀତି ସର୍‌ବାର୍ ଉତ୍‌ରୁ ମାହାପ୍ରୁରୁ ଶ୍ରୀଜଗନ୍ନାଥ୍, ଆଉ ଦେବୀ ସୁଭଦ୍ରାଙ୍କର୍ ପାଖେ ସଠି ଆଉ ମାର୍କଣ୍ଡି ପୂଜା କରାଯିବା ।